# “ଇଏସ୍ଆଇସି ର ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନା (ଏବିଭିକେୱାଇ)” ର ଏକ ପରିଚୟ



## କର୍ମୀଙ୍କର ଆତ୍ମସମ୍ମାନର ସୁରକ୍ଷା
## ସେମାନଙ୍କର ଆର୍ଥିକ ସୁରକ୍ଷା ସୁନିଶ୍ଚିତ


सत्यमेव जयते

ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ
ଭାରତ ସରକାର

ରାଜ୍ୟ କର୍ମଚାରୀ ବୀମା ନିଗମ

**ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନା (ଏବିଭିକେୱାଇ):** ଏହି ଯୋଜନା ଏକ କଲ୍ୟାଣମୂଳକ ପଦକ୍ଷେପ ଯାହା ଇଏସ୍ଆଇସି ଦ୍ୱାରା ଅଧିନିୟମ, 1948 ର ଧାରା 2(9) ଅନ୍ତର୍ଗତ କର୍ମଚାରୀଙ୍କ ପାଇଁ ପୂରା ଜୀବନରେ ଥରେ 90 ଦିନ ପର୍ଯ୍ୟନ୍ତ ରିଲିଫ୍ ଦେୟ ପାଇଁ ଉଦ୍ଦିଷ୍ଟ ଅଟେ। ଏହି ଯୋଜନା ଦିନାଙ୍କ 01-07-2018 ରୁ ପ୍ରାରମ୍ଭିକ ରୂପେ ଦୁଇ ବର୍ଷ ପାଇଁ ପାଇଲଟ୍ ଆଧାରରେ ଲାଗୁ କରାଯାଇଥିଲା। ଏହି ଯୋଜନାକୁ ବର୍ତ୍ତମାନ ଆଉ ଏକ ବର୍ଷ ପାଇଁ ଅର୍ଥାତ୍ 1 ଜୁଲାଇ, 2020 ରୁ 30 ଜୁନ୍, 2021 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଯୋଜନା ଅଧୀନରେ ବେକାରୀ ସହାୟତା ହାରକୁ ମୂଳ ମଜୁରୀର **25%** ରୁ **50%** କୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଯୋଗ୍ୟତା ସର୍ତ୍ତରେ ମଧ୍ୟ କୋହଳ କରାଯାଇଛି। ଏହି ଯୋଜନା ସେହିମାନଙ୍କ ପାଇଁ ଲାଗୁ, ଯେଉଁମାନେ ବେରୋଜଗାର ହେବାର ଠିକ ପୂର୍ବରୁ ସର୍ବନିମ୍ନ ଦୁଇ ବର୍ଷ ପର୍ଯ୍ୟନ୍ତ ବୀମାଭୁକ୍ତ ଚାକିରିରେ ଏବଂ ବେରୋଜଗାର ହେବାର ଠିକ ପୂର୍ବରୁ ତାଙ୍କର ଅଂଶଦେୟ ଅବଧିରେ 78 ଦିନରୁ କମ୍ ଅଂଶ ଦେୟ କରିନଥିବେ ଏବଂ ବେରୋଜଗାର ହେବାର ଦୁଇ ବର୍ଷ ମଧ୍ୟରେ ବାକି ତିନି ଅଂଶଦେୟ ଅବଧିର ଗୋଟିଏ ଅବଧିରେ ସର୍ବନିମ୍ନ 78 ଦିନର ଅଂଶଦେୟ କରିଥିବେ।

ଏକ ଗୁରୁତ୍ୱପୂର୍ଣ୍ଣ କୋହଳ ନୀତି ଅନୁଯାୟୀ, ବେରୋଜଗାର ହେବାର ତାରିଖର 30 ଦିନ ପରେ ଏହି ରିଲିଫ ଦେୟ ହେବ ଏବଂ କର୍ମଚାରୀ ତାଙ୍କର କ୍ଲେମ ବିନିର୍ଦ୍ଦିଷ୍ଟ ଇଏସ୍ଆଇସି ଶାଖା କାର୍ଯ୍ୟାଳୟରେ ସିଧାସଳଖ ଭାବେ ଦାଖଲ କରିପାରିବେ। 24 ମାର୍ଚ୍ଚ 2020 ରୁ 31 ଡିସେମ୍ବର 2020 ମଧ୍ୟରେ ବର୍ଦ୍ଧିତ ଲାଭ ଏବଂ କୋହଳ ସର୍ତ୍ତ ପ୍ରଯୁଜ୍ୟ। ରିଲିଫ୍ ପାଇବା ପାଇଁ କ୍ଲେମ୍ (ଦାବି) ୱେବସାଇଟ୍ www.esic.in ରେ ଅନଲାଇନରେ କରାଯାଇପାରିବ ଏବଂ ଏହା ପରେ ଏକ ଆଫିଡେଭିଟ୍, ଆଧାର କାର୍ଡର ଫଟୋକପି ଏବଂ ବ୍ୟାଙ୍କ ଖାତା ବିବରଣୀ ସହିତ କ୍ଲେମକୁ ଫିଜିକାଲ ଫର୍ମରେ ମଧ୍ୟ ବିନିର୍ଦ୍ଦିଷ୍ଟ ଇଏସ୍ଆଇସି ଶାଖା କାର୍ଯ୍ୟାଳୟରେ ଡାକ ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବାକୁ ପଡିବ। ବୀମାଭୁକ୍ତ ବ୍ୟକ୍ତି (ଆଇପି)ଙ୍କର ଦେୟ ଯାଞ୍ଚ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ରାଶି ଜମା ହେବା ସମ୍ପୂର୍ଣ୍ଣ ପ୍ରକ୍ରିୟା 15 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

## ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନା ଅଧିନରେ

**ବର୍ତ୍ତମାନ କର୍ମଚାରୀ ମାନଙ୍କ ପାଇଁ ରିହାତି ରାଶି ଦୁଇଗୁଣ**

**କର୍ମୀଙ୍କର ବ୍ୟାଙ୍କ ଖାତାକୁ ଡାଇରେକ୍ଟ କ୍ରେଡିଟ**

**ଯୋଗ୍ୟ ବିବେଚନା ସର୍ତ୍ତାବଳୀରେ କୋହଳ**

**କର୍ମୀମାନେ www.esic.in ରେ ସିଧାସଳଖ ଅନଲାଇନ୍ ଆବେଦନ କରିପାରିବେ**

# "ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନା (ଏବିଭିକେୱାଇ)" ଉପରେ "ବାରମ୍ବାର ପଚରାଯାଉଥିବା ପ୍ରଶ୍ନ" ଏବଂ ସେଗୁଡ଼ିକର ଉତ୍ତର

| କ୍ର. ସଂ. | ପ୍ରଶ୍ନ | ଉତ୍ତର |
|---|---|---|
| 1 | ଯେଉଁମାନେ ଲକଡାଉନ୍ ଅବଧି ମଧ୍ୟରେ ନିଯୁକ୍ତିଦାତାଙ୍କଠାରୁ ଦରମା ପାଇନଥିଲେ ଏବଂ ଯାହାର ଅଂଶଦେୟ 0 (ଶୂନ୍ୟ) ଅଟେ, ସେହି ବେରୋଜଗାର ବୀମାଭୁକ୍ତ ବ୍ୟକ୍ତି (ଆଇପି) ଏଥିରେ ଅନ୍ତର୍ଭୁକ୍ତ କି? | ନା |
| | ଇଏସ୍ଆଇସି ଚାଲାଣ ଆଇପି ନାମ ଅପସାରଣ କରିବା ନିଯୁକ୍ତିଦାତାଙ୍କ ପାଇଁ ବାଧ୍ୟତାମୂଳକ କି? କାରଣ ଅଧିକାଂଶ କ୍ଷେତ୍ରରେ ଶ୍ରମିକଙ୍କ ଅଂଶଦେୟ "0" ଦେଖାଉଛି ଏବଂ ତେଣୁ ସେମାନେ ଅଯୋଗ୍ୟ। | ଏହି ଯୋଜନା ଅନ୍ତର୍ଗତ ରିଲିଫ୍ କେବଳ ସେହି ଆଇପିମାନଙ୍କ ପାଇଁ ଉପଲବ୍ଧ, ଯେଉଁମାନେ ବେକାର ହୋଇଛନ୍ତି। ଜଣେ ଆଇପିଙ୍କୁ ବେକାର ବୋଲି ଧରାଯିବ, ଯଦି ତାଙ୍କ ନିଯୁକ୍ତିଦାତା ତାଙ୍କୁ ମାସିକ ଅଂଶଦେୟ ଚାଲାଣରେ ତାଙ୍କର ପ୍ରସ୍ଥାନ ଦେଖାଇଥିବେ। ଯଦି ମାସିକ ଅଂଶଦେୟ ଚାଲାଣରେ ନିଯୁକ୍ତିଦାତା ଆଇପି ଙ୍କ ଅଂଶଦେୟ "0" ଦେଖାଇଛନ୍ତି, ତେବେ ଏହାର ଅର୍ଥ ହେଉଛି ଯେ ଆଇପି ଏପର୍ଯ୍ୟନ୍ତ ନିଯୁକ୍ତିଦାତା ସହିତ ନିୟୋଜିତ ହୋଇଛନ୍ତି ଏବଂ ନିଯୁକ୍ତିଦାତା ଏହି କର୍ମଚାରୀମାନଙ୍କୁ କିଛି ପରିମାଣର ଅର୍ଥ ଦେଇପାରନ୍ତି ତେଣୁ ଏହି କର୍ମଚାରୀମାନେ ସ୍କିମ୍ ଅଧୀନରେ ରିଲିଫ୍ ପାଇବାକୁ ଯୋଗ୍ୟ ନୁହଁନ୍ତି। |
| 2 | ଏହି ଯୋଜନା ଆଇପି ମାନଙ୍କୁ ଅନ୍ତର୍ଭୁକ୍ତ କରେ, ଯେଉଁମାନେ ଲକଡାଉନ୍ ସମୟରେ ବେକାର ଥିଲେ କିନ୍ତୁ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି? | ସେହି କର୍ମଚାରୀମାନେ, ଯଦି ଆବଶ୍ୟକ ଯୋଗ୍ୟତା ସର୍ତ୍ତ ପୂରଣ କରନ୍ତି, ତେବେ ସେମାନେ ଏହି ଯୋଜନା ଅଧୀନରେ ରିଲିଫ୍ ପାଇବାକୁ ଯୋଗ୍ୟ ଅଟନ୍ତି। କିନ୍ତୁ ଦାବିଦାର ଅବଧି ମଧ୍ୟରେ ବେକାର ଥିବା ଆବଶ୍ୟକ। |
| 3 | ବେରୋଜଗାର ହେବାର ପରେ ପ୍ରଥମ 30 ଦିନ ପାଇଁ ଦାବିଦାର ଏହି ଯୋଜନା ଅଧୀନରେ ଦାବି କରିପାରିବେ ନାହିଁ। | ବେରୋଜଗାର (ନିଯୁକ୍ତିଦାତାଙ୍କ ଦ୍ୱାରା ବହିଷ୍କୃତ ପ୍ରଦର୍ଶିତ) ହେବାର 30 ଦିନ ପରେ ଦାବିଦାର ରିଲିଫ ପାଇଁ ଆବେଦନ କରିପାରିବେ। ବେରୋଜଗାର ପରେ, ସେ ପୂରା ଏକ ମାସ ପାଇଁ ଦାବିପତ୍ର ଦାଖଲ କରିପାରିବେ। |
| 4 | ସିଷ୍ଟମ ଦ୍ୱାରା ସୃଷ୍ଟି ହୋଇଥିବା ଦାବି ଏହି ଯୋଜନା ଅନ୍ତର୍ଗତ ରିଲିଫ୍ ପାଇଁ ଗ୍ୟାରେଣ୍ଟି ଦିଏ କି? ସିଷ୍ଟମ ଦ୍ୱାରା ଦାବି ସୃଷ୍ଟି ହେବା ପରେ, ଏହା ରଦ୍ଦ ହୋଇପାରିବ କି? | ସିଷ୍ଟମ ଦ୍ୱାରା ସୃଷ୍ଟି ହୋଇଥିବା ଦାବି ଏହି ଯୋଜନା ଅନ୍ତର୍ଗତ ରିଲିଫ୍ ପାଇଁ ଗ୍ୟାରେଣ୍ଟି ଦିଏ ନାହିଁ। ନିଯୁକ୍ତିଦାତାଙ୍କ ରେକର୍ଡ ଶାଖା ଅଫିସ୍ ମ୍ୟାନେଜରଙ୍କ ଦ୍ୱାରା ଯାଞ୍ଚ ସମୟରେ ଯଦି ଦାବିକାରୀ ଅଯୋଗ୍ୟ ବୋଲି ଜଣାପଡନ୍ତି, ତେବେ ଶାଖା କାର୍ଯ୍ୟାଳୟ ପରିଚାଳକ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିପାରିବେ, ଯଦିଓ ଏପରି ମାମଲା ବିରଳ ଅଟେ। |

| କ୍ର. ସଂ. | ପ୍ରଶ୍ନ | ଉତ୍ତର |
|---|---|---|
| 5 | କାର୍ଯ୍ୟନିବୃତ୍ତି ବୟସ କେତେ? | ଯେକୌଣସି ବୀମାଭୁକ୍ତ ବ୍ୟକ୍ତିଙ୍କ କାର୍ଯ୍ୟନିବୃତ୍ତି ବୟସ ଆଇନ ଅନୁଯାୟୀ କମ୍ପାନୀର ନୀତି ଅନୁଯାୟୀ ନିର୍ଦ୍ଦିଷ୍ଟ ଅଟେ। ESI ଅଧିନିୟମର ଧାରା 56ରେ ବ୍ୟାଖ୍ୟା ଅନୁଯାୟୀ କାର୍ଯ୍ୟନିବୃତ୍ତି ବୟସ ଷାଠିଏ ବର୍ଷ ହୋଇପାରେ। |
| 6 | ଚାକିରି ଛାଡିବା ପାଇଁ କର୍ମଚାରୀମାନେ କମ୍ପାନୀରୁ ଇସ୍ତଫା ଦେବା ଏକ ସାଧାରଣ ଘଟଣା। ଚାକିରି ଛାଡିବାକୁ ଇସ୍ତଫା ଦେଇଥିବା କର୍ମଚାରୀମାନେ ଏବିଭିକେୱାଇ ଅଧୀନରେ ରିଲିଫ୍ ପାଇବାକୁ ଯୋଗ୍ୟ ହେବେ କି? | ଯେଉଁ କର୍ମଚାରୀମାନେ ସେମାନଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି ସେମାନେ ବେକାର ବୋଲି ବିବେଚନା କରାଯିବ ଏବଂ ଯଦି ଅନ୍ୟଥା ଯୋଗ୍ୟ ହୋଇଥିବେ, ତେବେ ସେମାନଙ୍କୁ ଏହି ଯୋଜନା ଅନୁଯାୟୀ ରିଲିଫ୍ ପ୍ରଦାନ କରାଯାଇପାରିବ ଯଦି ଚାକିରୀରୁ ଇସ୍ତଫା / ଚାକିରୀ ଛାଡିବା ସମୟରେ କୌଣସି କାର୍ଯ୍ୟନିବୃତ୍ତି ଲାଭ / ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। |
| 7 | ଲକଡାଉନ୍ (ନିଯୁକ୍ତିଦାତାଙ୍କ ଉପରେ ସରକାରୀ ଆଦେଶ ଦ୍ୱାରା ଲଦା ଯାଇଥିବା ଅସ୍ଥାୟୀ ତାଲାବନ୍ଦ ଅବସ୍ଥା) କର୍ମଚାରୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଏବିଭିକେୱାଇ ଅଧୀନରେ ଏକ ଯୋଗ୍ୟତା କାରକ ହୋଇପାରେ କି ନାହିଁ। | ନା। ଏବିଭିକେୱାଇ ଅଧୀନରେ ରିଲିଫ୍ ଲକ୍-ଡାଉନ୍ କିମ୍ବା ଲକ୍-ଆଉଟ୍ କ୍ଷେତ୍ରରେ ଗ୍ରହଣୀୟ ନୁହେଁ କାରଣ ଲକ୍-ଆଉଟ୍ / ଲକ୍-ଡାଉନ୍ ଅବଧି ମଧ୍ୟରେ ନିଯୁକ୍ତିଦାତା କର୍ମଚାରୀମାନଙ୍କର ନିଯୁକ୍ତି ଜାରି ରଖିଛନ୍ତି। |
| 8 | ଦାବି ଯାଞ୍ଚ ସମୟରେ କର୍ମଚାରୀଙ୍କୁ ତାଙ୍କ ବେକାରୀ ସମ୍ପର୍କରେ କିଛି ପଚରାଉଚୁରା କରାଯିବ କି ନାହିଁ ଏବଂ ତାଙ୍କର ବେକାରୀ ସମ୍ପର୍କରେ କୌଣସି ଘୋଷଣା ଶାଖା ପରିଚାଳକ ନେବେ କି ନାହିଁ? | କର୍ମଚାରୀ (ବେରୋଜଗାର ଥିବା ପୂର୍ବତନ ଆଇପି) ଙ୍କ ଠାରୁ କୌଣସି ଘୋଷଣା ପ୍ରାପ୍ତହେବ ନାହିଁ। କର୍ମଚାରୀଙ୍କ ଠାରୁ ପଚରାଉଚୁରାକୁ ମଧ୍ୟ ଏଡାଇବାକୁ ହେବ। ଯାଞ୍ଚ ସମୟରେ ପୂର୍ବତନ ଆଇପିଙ୍କର ସମସ୍ତ ଆବଶ୍ୟକୀୟ ସୂଚନା ନିଯୁକ୍ତିଦାତାଙ୍କଠାରୁ ପ୍ରାପ୍ତ ହୋଇପାରେ। |
| 9 | କର୍ମଚାରୀ ଚାକିରି ଛାଡିଛନ୍ତି କିମ୍ବା ଇସ୍ତଫା ଦେଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଅବସର ନେଇଛନ୍ତି କି ତାହା ଯାଞ୍ଚ ସମୟରେ ଯଦି ନିଯୁକ୍ତିଦାତା ଦେଖନ୍ତି। | ଅନ୍ୟଥା ଯୋଗ୍ୟ ଥିବା କର୍ମଚାରୀମାନେ ବେରୋଜଗାର ଭାବରେ ବିବେଚିତ ହେବେ ଏବଂ ଏହି ଯୋଜନା ଅନୁଯାୟୀ ରିଲିଫ୍ ପ୍ରାପ୍ତ କରିବେ, ଯଦି ଚାକିରୀରୁ ଇସ୍ତଫା/ଚାକିରି ଛାଡିବା ସମୟରେ ନିଯୁକ୍ତିଦାତାଙ୍କ ଠାରୁ କୌଣସି କାର୍ଯ୍ୟମୁକ୍ତ ଲାଭ କିମ୍ବା/ଆର୍ଥିକ କ୍ଷତିପୂରଣ ପ୍ରାପ୍ତ କରିନାହାଁନ୍ତି। |
| 10 | ଯଦି ବେରୋଜଗାର କର୍ମଚାରୀଙ୍କ ସମ୍ବନ୍ଧରେ ଇପିଏଫ୍ ଅବଦାନ ପ୍ରଦାନ କରାଯାଇଛି, ତେବେ କର୍ମଚାରୀଙ୍କୁ ବେରୋଜଗାର ବୋଲି ଧରାଯିବ କି ନାହିଁ। | ନା<br>ଯାଞ୍ଚ ବେଳେ ଯଦି ଏହା ଜଣାଯାଏ ଯେ ଇପିଏଫ୍ ଅଂଶଦେୟ ପାଇଁ ପଇଠ କରାଯାଇଛି, ତେବେ କର୍ମଚାରୀ ବେରୋଜଗାର ବୋଲି ବିଚାର କରାଯିବ ନାହିଁ। |

**ଅଧିକ ସୂଚନା ପାଇଁ ESIC ଶାଖା ସହ ସମ୍ପର୍କ କରନ୍ତୁ ଅଥବା ଟୋଲ ଫ୍ରି ନମ୍ବର 1800112526 ରେ ଯୋଗାଯୋଗ କରନ୍ତୁ**


सत्यमेव जयते
ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ
ଭାରତ ସରକାର
www.facebook.com/labourministry
@labourministry

ରାଜ୍ୟ କର୍ମଚାରୀ ବୀମା ନିଗମ
www.facebook.com/esichq
@esichq